ପ୍ରମେୟ (୧୨.୯-୨୦୧୭)

ନିର୍ଦ୍ଦେଶକ ସମ୍ମିଳନୀରେ ମତ

# ଆଇଆଇଟିରେ ବଢ଼ିବ ସିଟ୍



ଭୁବନେଶ୍ୱର,୧୧।୯(ବ୍ୟୁରୋ): ଆଇଆଇଟି (ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି)ଗୁଡିକରେ ଗୁଣାତ୍ମକ ଶିକ୍ଷାଦାନ କରାଯାଉଛି। ତେଣୁ ଦେଶର ବହୁ ମେଧାବୀ ଛାତ୍ରଛାତ୍ରୀ ଆଇଆଇଟିରେ ପଢିବା ପାଇଁ ଆଶାୟୀ। ମାତ୍ର ସିଟ୍ ସଂଖ୍ୟା ବଢୁନଥିବାରୁ ପ୍ରତି ବର୍ଷ ଲକ୍ଷ ଲକ୍ଷ ଛାତ୍ରଙ୍କୁ ହତାଶ ହେବାକୁ ପଡୁଛି। ତେଣୁ ଆଇଆଇଟିଗୁଡିକରେ ସିଟ୍ ବଢାଇବାକୁ ନିର୍ଦ୍ଦେଶକ ସମ୍ମିଳନୀରେ ମତ ପ୍ରକାଶ ପାଇଛି।

ଅରଗୁଳସ୍ଥିତ ଭୁବନେଶ୍ୱର ଆଇଆଇଟିର ସ୍ଥାୟୀ କ୍ୟାମ୍ପସ୍‌ରେ ଆଜି ୧୫୪ତମ ନିର୍ଦ୍ଦେଶକ ସମ୍ମିଳନୀ ଅନୁଷ୍ଠିତ ହୋଇଛି। ସମ୍ମିଳନୀରେ ଦେଶର ୯ଟି ଆଇଆଇଟିର ନିର୍ଦ୍ଦେଶକ ଯୋଗ ଦେଇଥିବା ବେଳେ ୪ଜଣ ସ୍କାଇପି ମାଧ୍ୟମରେ ଭାଗ ନେଇଥିଲେ। ଏହି ଅବସରରେ ଭୁବନେଶ୍ୱର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ରତ୍ନମ ବରଦା ରାଜକୁମାର ଅଧ୍ୟକ୍ଷତା କରିଥିଲେ। ସମ୍ମିଳନୀ ସମ୍ପର୍କରେ ସୂଚନା ଦେଇ ନିର୍ଦ୍ଦେଶକ ପ୍ରଫେସର ରାଜକୁମାର କହିଥିଲେ, ଆଇଆଇଟିଗୁଡିକରେ 'ବିଶ୍ୱଜିତ୍' କାର୍ଯ୍ୟକ୍ରମର ନିୟମାବଳୀକୁ କଡାକଡି ଭାବେ ଲାଗୁ କରାଯିବ। ଯାହା ଫଳରେ ଆଇଆଇଟିଗୁଡିକ ବିଶ୍ୱର ସର୍ବଶ୍ରେଷ୍ଠ ଶିକ୍ଷାନୁଷ୍ଠାନଗୁଡିକ ସହ ସମକକ୍ଷ ହୋଇପାରିବେ। ସେହିପରି ଦେଶରେ ନୂଆ ଭାବେ ପ୍ରତିଷ୍ଠା କରାଯାଇଥିବା

## ଅଧିକ ବିଦେଶୀ ଅଧ୍ୟାପକ ନିଯୁକ୍ତ ହେବେ

ଆଇଆଇଟିଗୁଡିକର ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହିତ ଭିତ୍ତିଭୂମିକୁ ସୁଦୃଢ କରାଯିବ। ଦେଶରେ ଥିବା ରାଷ୍ଟ୍ରାୟତ୍ତ ଉଦ୍ୟୋଗ (ପିଏସୟୁ)ଗୁଡିକରେ ଅଧିକରୁ ଅଧିକ ଆଇଆଇଟି ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ମିଳିବା ନେଇ ଉତ୍ସାହିତ କରାଯିବ। ଅଧିକରୁ ଅଧିକ ବିଦେଶୀ ଛାତ୍ର କିଭଳି ଆଇଆଇଟିଗୁଡିକରେ ପଢିପାରିବେ ସେଥି ପାଇଁ ବ୍ୟବସ୍ଥା କରିବାକୁ ମଧ୍ୟ ବୈଠକରେ ଆଲୋଚନା ହୋଇଥିଲା।

ଭୁବନେଶ୍ୱରରେ ପ୍ରଥମ ଥର ପାଇଁ ଆଇଆଇଟି ନିର୍ଦ୍ଦେଶକମାନଙ୍କ ସମ୍ମିଳନୀ ହୋଇଥିବାରୁ ଅଧ୍ୟାପକ, ଛାତ୍ରଛାତ୍ରୀ ଓ କର୍ମଚାରୀମାନେ ଉତ୍ସାହିତ ହୋଇ ପଡିଥିଲେ। ଦିଲ୍ଲୀ ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଭି. ରାମଗୋପାଳ ରାଓ ଭୁବନେଶ୍ୱର ଆଇଆଇଟିର ସ୍ଥାୟୀ କ୍ୟାମ୍ପସର ପ୍ରଶଂସା କରିଥିଲେ। ଏହା ପ୍ରକୃତିର କୋଳରେ ଗଢି ଉଠିଥିବାରୁ ଏବଂ ଚାରିଆଡେ ସବୁଜ ବୃକ୍ଷ ଭରି ରହିଥିବାରୁ ଏହାର ପ୍ରଶଂସା କରିଥିଲେ। ସମ୍ମିଳନୀରେ ଆଇଆଇଟି ରୁର୍କିର ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ୍ତ ବାନାର୍ଜୀ, ଆଇଆଇଟି କାନପୁରର ନିର୍ଦ୍ଦେଶକ ପ୍ରଫେସର ଇନ୍ଦ୍ରନିଲ୍ ମାନ୍ନା, ଆଇଆଇଟି ବିଏଚ୍‌ୟୁ ନିର୍ଦ୍ଦେଶକ ପ୍ରଫେସର ରାଜୀବ ସାଙ୍ଗଲ, ଆଇଆଇଟି ହାଇଦ୍ରାବାଦ ନିର୍ଦ୍ଦେଶକ ପ୍ରଫେସର ୟୁ.ବି. ଦେଶାଇ, ଆଇଆଇଟି ମଣ୍ଡି ନିର୍ଦ୍ଦେଶକ ପ୍ରଫେସର ପ୍ରଫେସର ତିମୋଟିଏ ଗନସାଲଭେସ୍, ଆଇଆଇଟି ପାଟଣା ନିର୍ଦ୍ଦେଶକ ପ୍ରଫେସର ପୁଷ୍ପକ ଭଟ୍ଟାଚାର୍ଯ୍ୟ, ଆଇଆଇଟି ରୁପାର୍ ନିର୍ଦ୍ଦେଶକ ପ୍ରଫେସର ସରିତ୍ କୁମାର ଦାସ ପ୍ରମୁଖ ଯୋଗ ଦେଇଥିଲେ। ତେବେ ଆଇଆଇଟି ଖଡଗପୁରର ନିର୍ଦ୍ଦେଶକ ପ୍ରଫେସର ପାର୍ଥ ପି ଚକ୍ରବର୍ତ୍ତୀ, ଆଇଆଇଟି ଇନ୍ଦୋର୍‌ର ନିର୍ଦ୍ଦେଶକ ପ୍ରଫେସର ପ୍ରଦୀପ ମାଥୁର୍, ଆଇଆଇଟି ଗୌହାଟିର ନିର୍ଦ୍ଦେଶକ ପ୍ରଫେସର ଗୌତମ ବିଶ୍ୱାସ ପ୍ରମୁଖ ଭିଡିଓ କନଫେରେନ୍ସ ଜରିଆରେ ଆଲୋଚନାରେ ଭାଗ ନେଇଥିଲେ। ତେବେ ଗାନ୍ଧୀନଗର ଆଇଆଇଟିର ନିର୍ଦ୍ଦେଶକ ପ୍ରଫେସର ଏସ୍ କେ ଜୈନଙ୍କ ପ୍ରତିନିଧି ଭାବେ ଏକାଡେମିକ ଡିନ୍ ପ୍ରଫେସର ଅମିତ୍ ପ୍ରଶାନ୍ତ ଯୋଗ ଦେଇଥିଲେ। ଯୋଗ ଦେଇଥିବା ନିର୍ଦ୍ଦେଶକମାନେ ଭୁବନେଶ୍ୱର ଆଇଆଇଟିର ସମସ୍ତ ବିଭାଗ ବୁଲି ଦେଖିଥିଲେ।